# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 June – 2024**

## ବାଚସ୍ପତି ନିର୍ବାଚନ

ଲୋକସଭା ବାଚସ୍ପତି ପଦ ଲାଗି ଆସନ୍ତାକାଲି ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡିଛି । ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ନାମାଙ୍କନ ଦାଖଲ କରିବାର ସମୟ ଧାର୍ଯ୍ୟ ହୋଇଛି । ସୂଚନା ଅନୁସାରେ ଗତକାଲି ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନ୍ୟ ସାଂସଦମାନେ ଶପଥଗ୍ରହଣ କରିଥିଲେ ।

## ଶ୍ରୀମନ୍ଦିର ବୈଠକ

ପୁରୀ ଶ୍ରୀକ୍ଷେତ୍ରରେ ରଥଯାତ୍ରାଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ହେବାକୁଥିବା ସମସ୍ତ ନୀତିକାନ୍ତିର ନୀତିନିର୍ଘଣ୍ଟ ଚୂଡାନ୍ତ ନେଇ ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ନୀଳାଦ୍ରୀ ଭକ୍ତ ନିବାସରେ ପୂର୍ବାହ୍ନ ୧୧ଟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ । ଛତିଶାନିଯୋଗ ବୈଠକରେ ସ୍ଥିରିକୃତ ହୋଇଥିବା ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀ ଉପରେ ଆଲୋଚନା କରାଯାଇ ନୀତି ଚୂଡାନ୍ତ କରାଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ

ଅଧିକ୍ଷକଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ପ୍ରତିନିଧି ଓ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ରହିବେ ।

## ମନ୍ତ୍ରୀଙ୍କ ସମୀକ୍ଷା

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ଗତକାଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥିତିର ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଦରବୃଦ୍ଧି ମୁକାବିଲା ଲାଗି ରାଜ୍ୟର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବ । ଜରୁରୀକାଳୀନ ପରିସ୍ଥିତିରେ ନାଫେଡ୍ ଦ୍ୱାରା ନିହାତି ଦରରେ ଖାଉଟୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଗହମ ଷ୍ଟକ

ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ନିୟନ୍ତ୍ରଣ କରିବା ଏବଂ ମହଜୁଦ ରଖିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ବ୍ୟବସାୟୀଙ୍କ ପାଇଁ ପ୍ରଯୁଜ୍ୟ ଗହମ ଉପରେ ଷ୍ଟକ ସୀମା ଲାଗୁ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଆସନ୍ତାବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ । ଷ୍ଟକ ସୀମା ପ୍ରତ୍ୟେକ ସଂସ୍ଥା ପାଇଁ ବ୍ୟକ୍ତିଗତ ଭାବେ ଲାଗୁ ହେବ । ଏହିକ୍ରମରେ ହୋଲସେଲର ବ୍ୟବସାୟୀ ୩ହଜାର ମେଟ୍ରିକ ଟନ୍ ଓ

ରିଟେଲରମାନେ ପ୍ରତ୍ୟେକ ଖୁଚୁରା କେନ୍ଦ୍ରରେ ୧୦ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଗହମ ରଖିପାରିବେ ।

## ଜଣ୍ଡିସ-ଡାକ୍ତରୀ ଦଳ

ସମ୍ବଲପୁର ସହରରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥିତି ପରଖିବା ପାଇଁ ଦୁଇଜଣିଆ ଡାକ୍ତରୀ ଦଳ ପହଞ୍ଚିଛନ୍ତି । ଡାକ୍ତର ସୁରଜିତ ଗରାବଡୁ ଏବଂ ଡାକ୍ତର ସୁନୀତା ଜେନାଙ୍କୁ ନେଇ ଗଠିତ ଦଳ ଘରକୁ ଘର ବୁଲି ଯାଞ୍ଚ ଆରମ୍ଭ କରିଛନ୍ତି । ପ୍ରାଥମିକ ଭାବେ ପିଇବା ପାଣିରୁ ଜଣ୍ଡିସ ଆରମ୍ଭ ହୋଇଥିବା କୁହାଯାଇଛି । ତେବେ ଭୟ କରିବାର ନାହିଁ ବୋଲି ଟିମ୍‌ର ସଦସ୍ୟ କହିଛନ୍ତି । ଟିମ୍‌ର ସଦସ୍ୟମାନେ ଆଜି ମଧ୍ୟ ସଂକ୍ରମିତ ଅଞ୍ଚଳ ବୁଲି ଯାଞ୍ଚ କରିବେ ବୋଲି ଜଣାପଡିଛି ।

## ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ

ରେଳ ଚଳାଚଳକୁ ସହଜ କରିବା ପାଇଁ ଖୋର୍ଦ୍ଧା ରୋଡରେ ଏକ ରେଳ ଫ୍ଲାଏ ଓଭର ନିର୍ମାଣ ହେବ । ରେଳ ମନ୍ତ୍ରଣାଳୟ ଦ୍ୱାରା ପୂର୍ବତଟ ରେଳପଥ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୭ ଦଶମିକ ୪/୧ କିଲୋମିଟର ଲମ୍ବ ଫ୍ଲାଏ ଓଭର ନିର୍ମାଣ ପାଇଁ ୧୯୧ ଦଶମିକ ୮/୭ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଫ୍ଲାଏ ଓଭର ନିର୍ମାଣ ହେଲେ

ପୁରୀରୁ ଭୁବନେଶ୍ୱର ଆଡକୁ ଯାତାୟାତ କରୁଥିବା ଟ୍ରେନ୍ ଗୁଡ଼ିକର ଚଳାଚଳ ସୁଗମ ହୋଇପାରିବ । ଖୋର୍ଦ୍ଧାରୋଡ ରେଳଷ୍ଟେସନ ଏକ ପ୍ରମୁଖ ସଂଯୋଗ ସ୍ଥାନ ହୋଇଥିବାରୁ ଫ୍ଲାଏଓଭର ନିର୍ମାଣ ହେଲେ ଅଧିକ ସଂଖ୍ୟକ ଟ୍ରେନ୍ ଏକସଙ୍ଗରେ ଯାତାୟାତ କରିପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

## ଓଜେଇଇ ପରୀକ୍ଷା

ରାଜ୍ୟରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡିଥିବା ଆସନରେ ନାମଲେଖା ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ବି-ଟେକ୍ ପାଇଁ ପରୀକ୍ଷା ହୋଇଥିବାବେଳେ ଆଜି ଦୁଇଟି ସିଟିଂରେ ଏମ୍.ବି.ଏ ଏବଂ ବି-ଫାର୍ମା ପାଇଁ ପରୀକ୍ଷା ହେବ । ଆସନ୍ତା ୨୭ତାରିଖ ଶେଷ ଦିନରେ ଏମ୍.ସି.ଏ ପାଇଁ ପରୀକ୍ଷା କରାଯିବ । ସ୍ୱତନ୍ତ୍ର ଓଜେଇଇ ପାଇଁ ୨୩ହଜାର ୭୮୦ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ରାଜ୍ୟ ମଧ୍ୟରେ ୪୮ଟି ଏବଂ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ସ୍ୱତନ୍ତ୍ର ଓଜେଇଇ ପରୀକ୍ଷା ହେଉଛି ।

## +୩ ନାମଲେଖା

ରାଜ୍ୟରେ ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସଂସ୍କୃତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୨୯ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୫ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ତାଲିକା ପ୍ରକାଶ ପାଇବ। ରାଜ୍ୟରେ ଥିବା ୧ ହଜାର ୫୬ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୪ ହଜାର ୬୯୧ଟି ଆସନ ପାଇଁ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

## ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାର ପରିମାଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବନ୍ୟାସ୍ଥିତି ଉପୁଜିବାର ଆଶଙ୍କା କରାଯାଉଛି । ବନ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ

କମିସନର ସତ୍ୟବ୍ରତ ସାହୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ନଦୀବନ୍ଧ ତଥା ଘାଇ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ସମୟରେ ଏସ୍‌ଆର୍‌ସି ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଅପରପକ୍ଷରେ ରାଜ୍ୟରେ ଗତକାଲିସୁଦ୍ଧା ୪୧ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି ।